To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଦୀପିକା-ରଣବୀରଙ୍କ ବିବାହ ନଭେମ୍ବର ୧୪ରେ



R.N.I. No.-42041/83 Vol-16, Issue No.114, ଭଦ୍ରକ, ସୋମବାର, ୨୨, ଅକ୍ଟୋବର ୨୦୧୮ ■ Bhadrak Monday, 22 October 2018 Rs. 2.00 Pages-8

ସୁନ୍ଦରୀ ପାଇଁ ଲଙ୍କାକାଣ୍ଡ

- ଆକ୍ରମଣରେ ଜଣେ ମୃତ
- ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ
- ୫ ବନ କର୍ମଚାରୀ ଅଟକ
- ପୋଲିସର ଲାଠିଚାର୍ଜ

ଅନୁଗୋଳ,୨୧।୧୦(ସକାଳଖବର): ସାତକୋଶିଆ କୋର୍ ଏରିଆରେ ପୁଣି ବାଘୁଣୀ 'ସୁନ୍ଦରୀ' ଆତଙ୍କ ଖେଳାଇ ଦେଇଛି । 'ସୁନ୍ଦରୀ' ଆକ୍ରମଣରେ ଆଜି ପୁଣି ଜଣେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । ଘଟଣାରେ ଉତ୍ୟକ୍ତ ଲୋକେ ସହକାରୀ ବନ ସଂରକ୍ଷକ (ଏସିଏଫ)ଙ୍କ ସମେତ ୫ ଜଣ ବନ କର୍ମଚାରୀଙ୍କୁ ଅଟକ ରଖିବା ସହ କାଞ୍ଚରାମୁଣ୍ଡା ସାହି ନିକଟରେ ମୃତକଙ୍କ ଶବ ରଖି ରାସ୍ତାରୋକ କରିଛନ୍ତି । ସଂନ୍ଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତେଜନା ଲାଗି ରହିଛି । ଆନ୍ଦୋଳନକାରୀ ମାନେ ଏସଡିପିଓଙ୍କ ଗାଡି ଭଙ୍ଗାରୁଜା କରିଛନ୍ତି । ପୋଲିସ ଉପରକୁ ଢ଼େଲା ପଥର ମାଡ କରିଛନ୍ତି । କିଛି ଅଧିକାରୀ ଆହତ ହୋଇଛନ୍ତି । ଶେଷ ଖବର ସୁଦ୍ଧା ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ପୋଲିସ ପକ୍ଷରୁ ସେଠାରେ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଛି । ପରିସ୍ଥିତି ଅଣାୟାତ ହେବାରୁ ଅଧିକ ପୋଲିସ ଫୋର୍ସ ଘଟଣାସ୍ଥଳକୁ ପଠାଯାଇଛି ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ଟାଇଁସି ଗ୍ରାମର ତ୍ରିନାଥ ସାହୁ ଆଜି ସକାଳେ ମାଛ ମାରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ବାଘ ହାବୁଡ଼ରେ ପଡିଥିଲେ । ବାଘଟି ତାଙ୍କୁ ଆକ୍ରମଣ କରି ଧରାଶାୟୀ କରିବା ପରେ ଝୁଣି ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଖବର ସାଧାରଣରେ ପ୍ରଚାରିତ ହେବା ପରେ ସମଗ୍ର ଅଂଚଳରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି । ଗାଁ ନିକଟରେ ବାଘ ଲୁଚି ଥିବା କେତେକ ଗ୍ରାମବାସୀ ସୂଚନା ଦେଇଛନ୍ତି । ଏନେଇ ସୂଚନା ପାଇବା ପରେ ସହକାରୀ ବନ ସଂରକ୍ଷକ ସଦଳବଳେ ଘଟଣାସ୍ଥଳରେ ପହଂଚି ଥିବା ବେଳେ ଗ୍ରାମବାସୀ ମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ପରିବାରର ଜଣକୁ ଚାକିରୀ ଓ ବାଘକୁ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଏସିଏଫଙ୍କ ସମେତ ୫ ଜଣ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ । ଶେଷ ଖବର ସୁଦ୍ଧା ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ପୋଲିସ ପକ୍ଷରୁ ସେଠାରେ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଛି । ଘଟଣାସ୍ଥଳରେ ଅନୁଗୋଳ ଏସପି ମିତ୍ରଭାନୁ ମହାପାତ୍ର, ଉପଜିଲ୍ଲାପାଳ ଓ ଏସଡିପିଓ ପହଂଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା ଚଳାଇଛନ୍ତି । ବାଘୁଣୀ ସୁନ୍ଦରୀକୁ ଧରିବା ପାଇଁ ଓୟୁଏଟି ଡା ଇନ୍ଦ୍ରମଣି ନାଥ, ନନ୍ଦନକାନନ ପ୍ରାଣୀ ଚିକିତ୍ସକ ଡା. ଶରତ କୁମାର ସାହୁଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ଏକ ଟିମ୍ ଅନୁଗୋଳ ଅଭିମୁଖେ ଯାଇଛନ୍ତି ।

ପ୍ରକାଶ ଥାଉ କି, ପୂର୍ବରୁ ଦୁଇ ଥର ଜନବସତି ମଧ୍ୟକୁ ପଶି ଆତଙ୍କ ରଚିଥିଲା ସୁନ୍ଦରୀ । ଗତ ସେପ୍ଟେମ୍ବର ୧୨ ତାରିଖରେ ସେହି ଗ୍ରାମର ଜଣେ ମହିଳାଙ୍କୁ ମାରିଥିଲା । କିଛି ଦିନ ତଳେ ହାତୀବାରିରେ ପଶି ବଳଦ ମାରିଥିଲା । ସେସବୁ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଆଜି ପୁଣି ଜଣେ ନିରୀହ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି । କିଛି ଦିନ **(ପୃଷ୍ଠା-୭)**

ଗୃହପାଳିତ ପଶୁଙ୍କ ମୃତ୍ୟୁ ପାଇଁ ମିଳିବ ଆର୍ଥିକ ସହାୟତା

➲ଗାଈ ମୃତ୍ୟୁ ହୋଇଥିଲେପରିବାରକୁ ମିଳିବ ୩୦ ହଜାର
➲ବାସନକୁସନ ଓ ଲୁଗାପଟା ନଷ୍ଟ ହୋଇଥିଲେ ୩୮ ଶହ

ଭୁବନେଶ୍ୱର,୨୧।୧୦ (ସକାଳ ଖବର): ଗତ ୧୧ ତାରିଖରେ ଘଟିଥିବା ମହା ପ୍ରଳୟଙ୍କାରୀ ବାତ୍ୟା ତିତ୍‌ଲି ପାଇଁ ଗଞ୍ଜାମ, ଗଜପତି, ରାୟଗଡା ଜିଲ୍ଲା ବେଶି ପ୍ରଭାବିତ ହୋଇଥିଲା ବେଳେ ସାରା ରାଜ୍ୟରେ ଦାଣ୍ଡବ ରଚିଥିଲା । ଏହାର ପ୍ରଭାବରେ ସାରା ଦକ୍ଷିଣଓଡିଶା ବେଶି ପ୍ରଭାବିତ ହୋଇଥିଲା । ଏହାଦ୍ୱାରା ୬୧ଜଣ ମୃତ୍ୟୁ ବରଣ କରିଥିଲେ । ବହୁ ଲୋକଙ୍କ ଘରଦ୍ୱାରା ଓ ପଶୁପକ୍ଷୀ ମଧ୍ୟ ମୃତାହତ ହୋଇଥିଲା । ତିତଲି ପ୍ରଭାବରେ ଭାଙ୍ଗି ଥିବା ଘର ଲୋକଙ୍କୁ କ୍ଷତିପୂରଣ ମିଳିବା ସହ ଗୃହପାଳିତ ପଶୁଙ୍କ ମୃତ୍ୟୁ ପାଇଁ ସହାୟତା ରାଶି ମିଳିବ ବୋଲି ସରକାରୀ ସୂତ୍ରରୁ ଘୋଷଣା କରାଯାଇଛି । ଏହାସହ ଘରର ଆସବାବପତ୍ର ନଷ୍ଟ ପାଇଁ ବି ଆର୍ଥିକ ସହାୟତା ମିଳିବ ବୋଲି ଡେପୁଟି ଏସଆରସି ପ୍ରଭାତ ମହାପାତ୍ର ସୂଚନା ଦେଇଛନ୍ତି । ତିତଲି ପ୍ରଭାବରେ ଗାଈ ମୃତ୍ୟୁ ହୋଇଥିବା ପରିବାରକୁ ୩୦ ହଜାର ଓ ବଳଦ ମୃତ୍ୟୁ ପରିବାରକୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ସହାୟତା ରାଶି ମିଳିବ । ସେହିପରି ଯଦି ଛେଳି କିମ୍ୱା ମେଣ୍ଢା ମରିଥିବେ ତେବେ ୩ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ ବୋଲି ଡେପୁଟି ଏସଆରସି ସୂଚନା ଦେଇଛନ୍ତି । ସମତଳ ଅଞ୍ଚଳରେ ଘର ଭାଙ୍ଗିଥିଲେ ୯୫ ହଜାର ଟଙ୍କା ସହାୟତା ଦିଆଯିବ। ପାହାଡିଆ ଅଞ୍ଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୧ହଜାର ୯୦୦ ଟଙ୍କା ମିଳିବ। ଏହା ସହ କଚ୍ଚା ଘର ଆଂଶିକ ଭାଙ୍ଗିଥିଲେ ୩ ହଜାର ୨ ଶହ ଓ ପକ୍କା ଘର ଭାଙ୍ଗିଥିଲେ ୫ ହଜାର ୨ ଶହ ଟଙ୍କା ମିଳିବ । ଏପରିକି ବାସନକୁସନ ଓ ଲୁଗାପଟା ନଷ୍ଟ ହୋଇଥିଲେ ୩୮ ଶହ ଟଙ୍କା ଆର୍ଥିକ ସହାୟତା ମିଳିବ ବୋଲି ସୂଚନା ଦେଇଛନ୍ତି ଡେପୁଟି ଏସଆରସି । **(ପୃଷ୍ଠା-୭)**

ଆଜି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ

ଭୁବନେଶ୍ୱର,୨୧।୧୦ (ସକାଳ ଖବର): ଆସନ୍ତା କାଲି ବସିବ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଚ୍ଚିବାଳୟରେ ଅନୁଷ୍ଠିତ ହେବାକୁ ଏହି ବୈଠକରେ ପୁର୍ନଉଦ୍ଧାର ଓ ଥଇଥାନ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ମଞ୍ଜୁରୀ ନେଇ ଆଲୋଚନା କରାଯିବ ବୋଲି ଜଣାପଡିଛି । ଏଥିରେ ସମସ୍ତ ବିଭାଗର ମନ୍ତ୍ରୀ ଓ ସଚିବ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

୨୩ରେ ଗୃହ କମିଟି ଆଗରେ ଉପସ୍ଥିତ ହେବେ ଅଭିଜିତ ଆୟାର

ଭୁବନେଶ୍ୱର,୨୧।୧୦ (ସକାଳ ଖବର) ବିଧାୟକଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟାର ମିତ୍ର ଆସନ୍ତା ୨୩ ତାରିଖ ଦିନ ଗୃହ କମିଟି ଆଗରେ ଉପସ୍ଥିତ ହେବେ ବୋଲି ପ୍ରକାଶ କରିଛନ୍ତି । ତାଙ୍କର ମନ୍ତବ୍ୟ ଯଦି କାହାର ଭାବାବେଗକୁ କ୍ଷତି ପହଂଚାଇଥାଏ ସେଥିପାଇଁ ସେ ଦୁଃଖିତ ଏବଂ ଲଜ୍ଜିତ ବୋଲି ସେ କହିଛନ୍ତି ।

କମେଣ୍ଟ ମରାକୁ ନେଇ ବୋମାମାଡ, ୬ ଆହତ

ପୁରୀ, ୨୧।୧୦ (ସକାଳ ଖବର): ଆଜି ସନ୍ଧ୍ୟାରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳାସାହିରେ ବୋମା ମାଡ ହୋଇଛି । ପୁରୀ ଭଳି ଧାର୍ମିକ ସହରରେ ଏବେ କଥା କଥାକେ ବୋମା ଫୁଟୁଛି । ଆଜି ପୁଣି ଦୁଇ ସାହୀ ମଧ୍ୟରେ ଗଣ୍ଡଗୋଳ ଘଟି ବୋମାମାଡ଼ ହୋଇଛି । ମାରଣାସ୍ତ୍ରରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିବାରେ ୬ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ, ବଳିଆପଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳାସାହିରେ ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପୂର୍ବ ଶତ୍ରୁତା ଓ କମେଣ୍ଟ ମରାକୁ ନେଇ ଏହି ଗଣ୍ଡଗୋଳ ହୋଇଥିଲା ବୋଲି ଅଭିଯୋଗ ହୋଇଛି । ଉଭୟ ସାହୀ ଲୋକ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତେବେ ଏହାକୁ କେନ୍ଦ୍ର କରି ବଳିଆପଣ୍ଡା ଛକରେ ଉତ୍ତ୍ୟକ୍ତ ଲୋକ ଟାୟାର ଜାଳି ରାସ୍ତାରୋକ କରିଛନ୍ତି । ସେଠାରେ ଉତ୍ତେଜନା ଲାଗି ରହିଥିବା ବେଳେ ବଳିଆପଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ପ୍ରଥମ ଦିନିକିଆ ଜିତିଲା ଭାରତ

ରୋହିତ ଓ କୋହଲିଙ୍କ ବିସ୍ଫୋରକ ଶତକ

ଗୌହାଟୀ,୨୧।୧୦ : ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଛକା, ଚୌକା ବର୍ଷାରେ ଭିଜିଲା ଗୌହାଟୀର ବରସାପରା ଷ୍ଟାଡିୟମ । ସତେ ଯେମିତି ଲାଗୁଥିଲା ଭାରତୀୟ ବ୍ୟାଟସ୍‌ମ୍ୟାନ ସାମ୍ନାରେ ଥିଲେ କ୍ଳବସ୍ତରୀୟ ବୋଲର । ଅତି ସହଜର ସହ ବଲକୁ ସୀମାରେଖା ବାହାରକୁ ପଠାଉଥିଲେ କୋହଲି ଓ ରୋହିତ । ଏହି ଦୁଇ ବ୍ୟାଟସମ୍ୟାନଙ୍କ ଆଗରେ ଅସହାୟ ନଜର ଆସୁଥିଲେ ଇଣ୍ଡିଜ ବୋଲର । ଗୌହାଟୀର ବରସାପରା ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚର ଥିଲା ଏମିତି ଦୃଶ୍ୟ । ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅପରାଜିତ ବିସ୍ଫୋରକ ଶତକୀୟ ପାଳି ତଥା ଦ୍ୱିତୀୟ ୱିକେଟରେ ୨୪୬ ରନର ଭାଗିଦାରୀ ଜରିଆରେ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଇଣ୍ଡିଜକୁ ୮ ୱିକେଟରେ ପରାସ୍ତ କରିଛି । ଏଥି ସହିତ ଦଳ ସିରିଜରେ ୧-୦ରେ ଅଗ୍ରଣୀ ରହିଛି ।

ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ସିମରନ ହେଟମାୟର(୧୦୬) ଓ କିରଣ ପାୱେଲେ(୫୧) ବଳରେ ନିର୍ଦ୍ଧାରିତ ଓଭରରେ ୩୨୨ ରନ କରିଥିଲା । ଜବାବରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ୩୬ ତମ ଦିନିକିଆ ଶତକ(୧୪୦ରନ, ୧୦୭ ବଲ, ୨୧ ଚୌକା, ୨ ଛକା) ଓ ଉପଅଧିନାୟକ ରୋହିତ ଶର୍ମାଙ୍କ ୨୦ ତମ ଦିନିକିଆ ଶତକ(୧୫୨ରନ, ୧୧୭ ବଲ, ୧୫ ଚୌକା, ୮ ଛକା) ଜରିଆରେ ଭାରତ ୪୨.୧ ଓଭରରେ ୨ ୱିକେଟ ହରାଇ ୩୨୩ ରନର ବିଜୟ ଲକ୍ଷ୍ୟ ହାସଲ କରିଥିଲା । ୧୫୨ରନର ପାଳି ଖେଳିଥିବା ଉପ ଅଧିନାୟକ ରୋହିତ ଶର୍ମା ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।

୩୨୩ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଭାରତୀୟ ଦଳକୁ ୧୦ ରନରେ ଶିଖର ଧାୱନ(୪ରନ)ଙ୍କ ରୂପେ ସଅଳ ଝଟ୍‌କା ଲାଗିଥିଲା । ଏହା ପରେ ପଡ଼ିଆରେ **(ପୃଷ୍ଠା-୭)**

ସାବଧାନ ହୋଇଥିଲେ ଅମୃତସର ଦୁର୍ଘଟଣାକୁ ରୋକାଯାଇପାରିଥାନ୍ତା

ନୂଆଦିଲ୍ଲୀ, ୨୧।୧୦ : କେନ୍ଦ୍ରୀୟ ରେଳ ରାଜ୍ୟମନ୍ତ୍ରୀ ମନୋଜ ସିହ୍ନା ଅମୃତସର ଘଟଣାରେ ଦୁଃଖ ପ୍ରକାଶ କରି କହିଛନ୍ତି କି ଏହି ଦୁର୍ଘଟଣା ପ୍ରଶାସନ ସାବଧାନ ହୋଇଥିଲେ ରୋକାଯାଇପାରିଥାନ୍ତା । ରବିବାର ଦିନଦୟାଳ ଜଂକସନର

ସାମ୍ବାଦିକଙ୍କ ସହ କଥାବାର୍ତାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅମୃତସରରେ ଆୟୋଜନ କାର୍ଯ୍ୟକ୍ରମ ପାଇଁ କୌଣସି ଅନୁମତି ନେଇନଥିଲେ । ଯଦି ପ୍ରଶାସନ ଏଥିପ୍ରତି ସାବଧାନ ହୋଇଥାନ୍ତେ ତେବେ ଏହି ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥାନ୍ତା । ଏହି ଘଟଣାରେ ସେ ରେଳ ବିଭାଗକୁ କ୍ଲିନ ଚିଟ୍ ଦେଇ କହିଛନ୍ତି ଯେ, ରେଳ ବିଭାଗକୁ ଏହି କାର୍ଯ୍ୟକ୍ରମ ବିଷୟରେ **(ପୃଷ୍ଠା-୭)**

ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

କେନ୍ଦ୍ର ସରକାରଙ୍କ ତୃଟୀପୂର୍ଣ୍ଣ ନୀତି ପାଇଁ ତୈଳ ଦର ବୃଦ୍ଧି ପାଇଛି : ଅର୍ଥମନ୍ତ୍ରୀ

ଭୁବନେଶ୍ୱର,୨୧।୧୦(ସକାଳ ଖବର): କେନ୍ଦ୍ର ସରକାରଙ୍କ ତୃଟୀପୂର୍ଣ୍ଣ ନୀତି ଓ ଦାୟୀତ୍ୱହିନତା ପାଇଁ ତୈଳ ଦର ବୃଦ୍ଧି ପାଇଛି । ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିରେ ମଧ୍ୟ ଏହା ସହାୟକ ହୋଇଛି ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପ୍ରକାଶ କରିଛନ୍ତି । ସେ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ତୈଳ କମ୍ପାନୀ ନିକଟରେ କେନ୍ଦ୍ର ସରକାର ହାତବାନ୍ଧି ବସି ରହିଛନ୍ତି । ସେମାନଙ୍କ ସହିତ ସାଲିସ୍ ମଧ୍ୟ କରିଛନ୍ତି । ଯାହା ଫଳରେ ସେମାନଙ୍କ ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ନାହିଁ । ଯଦ୍ୱାରା ସାଧାରଣ ଜନତା କେବଳ ହନ୍ତସନ୍ତ ହେଉଛନ୍ତି ।

ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରୀଙ୍କର ଏହି ମନ୍ତବ୍ୟକୁ ସମାଲୋଚନା କରି ଦଳର ଉପସଭାପତି ଶ୍ରୀ ପୃଥିରାଜ ହରିଚନ୍ଦନ କହିଛନ୍ତି ଯେ, ତୈଳ ଦର ବୃଦ୍ଧିକୁ ନେଇ ବିଜେଡ଼ି ଦଳ ଫମ୍ପା ରାଜନୀତି କରୁଛି । ଅର୍ଥ ମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ହାଲୁକା ଓ ଶସ୍ତା। ଇତିମଧ୍ୟରେ ୧୩ ଟି ରାଜ୍ୟ



ଭାଟ୍ ଏବଂ କେନ୍ଦ୍ର ସରକାର ଏକସାଇଜ୍ ଟାକ୍ସ ୨ ଟଙ୍କା ୫୦ ପଇସା ହ୍ରାସ କରିସାରିଥିବା ବେଳେ **(ପୃଷ୍ଠା-୭)**

ଆତଙ୍କୀଙ୍କ ଆକ୍ରମଣରେ ୩ ଯବାନ ସହିଦ, ୨ ଆତଙ୍କବାଦୀ ନିହତ

ଜାମ୍ମୁ , ୨୧।୧୦ : ଆଜି ଜାମ୍ମୁର ସୁନ୍ଦରବନି ସେକ୍ଟର ସ୍ଥିତ ନିୟନ୍ତ୍ରଣରେଖା ନିକଟରେ ପାକ ଅନୁପ୍ରବେଶକାରୀଙ୍କ ଗୁଳିମାଡରେ ୩ ଜଣ ଭାରତୀୟ ଯବାନ ସହିଦ ହୋଇଛନ୍ତି । ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡିଛି । ସହିଦ ହୋଇଥିବା ଯବାନ ମାନଙ୍କ ପରିଚୟ ଏପର୍ଯ୍ୟନ୍ତ ସେନା ପକ୍ଷରୁ ଜାରି କରାଯାଇନାହିଁ । ଅନ୍ୟପକ୍ଷରେ ମରିଥିବା ଦୁଇ ଆତଙ୍କବାଦୀଙ୍କ ନିକଟରୁ ଦୁଇଟି ଏକେ-୪୭ ରାଇଫଲ ଓ ବିପୁଳ ପରିମାଣରେ ଗୁଳିଗୋଳା ଜବତ ହୋଇଛି । ତେବେ ଉକ୍ତ ଅଂଚଳରେ ଆଉ କେତେକ ଆତଙ୍କବାଦୀ ଲୁଚିରହିଥିବାରୁ ସେନା ପକ୍ଷରୁ ଏବେ ମଧ୍ୟ ଅପରେସନ ଚାଲିଥିବା ଖବର ମିଳିଛି । ଆଜି ମଧ୍ୟ ରାଜ୍ୟର କୁଲଗାମ ଜିଲ୍ଲାର ଲାରୋ ଅଂଚଳରେ **(ପୃଷ୍ଠା-୭)**

ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ନଭେମ୍ବର ୧ରୁ ଖୋଲିବ

ବାରିପଦା, ୨୧।୧୦ (ସକାଳ ଖବର): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ୦୧/୧୧/୨୦୧୮ ଗୁରୁବାର ଠାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଖୋଲିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ତଥା ଆଂଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକମାନଙ୍କ ପ୍ରବେଶ ନିମନ୍ତେ ବାରିପଦା ଓ ଯଶୀପୁର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟରୁ ଅନୁମତି ମିଳିପାରିବ । ଏଥି ସହିତ ପ୍ରତ୍ୟେକ ଦିନ ପିଠାବଟା ରେଞ୍ଜର ଲୁଲୁଙ୍ଗ ଫାଟକ ଦେଇ ୨୫ ଗୋଟି ଓ ଯଶୀପୁରର କାଳିଆଣି ଫାଟକ ମଧ୍ୟ ଦେଇ ୩୫ ଗୋଟି ଚାରିଚକିଆ ଯାନର ପ୍ରବେଶ ନିମନ୍ତେ ସର୍ବପ୍ରଥମେ ଆସିଥିବା ଯାନଗୁଡ଼ିକ ମଧ୍ୟରୁ କ୍ରମାନ୍ୱୟ ଅନୁସାରେ ଅନୁମିତି ମିଳିପାରିବ । ଏଥି ନିମନ୍ତେ ପିଠାବଟା ଓ ଯଶିପୁର ବୁକିଂ କାଉରରେ ପୂର୍ବାହ୍ନ ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରବେଶ ପତ୍ର ମିଳିପାରିବ । ଅଭୟାରଣ୍ୟକୁ ସ୍ୱଚ୍ଛ ନିର୍ମଳ ରଖିବା ଲକ୍ଷ ନେଇ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଶ ଆଦି ନେବା ଉପରେ କଟକଣା ଜାରି କରାଯାଇଅଛି । ପର୍ଯ୍ୟଟକମାନେ ପ୍ରବେଶ ସମୟରେ ପ୍ରଚଳିତ ନିୟମାବଳୀ ଅନୁସାରେ ଫାଟକରେ ଲିଖିତନାମା ଦାଖଲ କରିବେ ଏବଂ ଏହା ଉଲ୍ଲଘଂନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ସେହି ପରି ପ୍ରବେଶ ଓ ପ୍ରସ୍ଥାନ **(ପୃଷ୍ଠା-୭)**

ସୁବାସ ଚନ୍ଦ୍ର ବୋଷଙ୍କ ନାମରେ ଜାତୀୟ ପୁଲିସ ସ୍ମାରକ

ଭୁବନେଶ୍ୱର ୨୧।୧୦ (ସକାଳଖବର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପୁଲିସ ସ୍ମୃତି ଦିବସ ଅବସରରେ ଜାତୀୟ ପୁଲିସ ସ୍ମାରକକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟଧାରାରେ ସଂପୃକ୍ତ ପୁଲିସ ଏବଂ ସଂସଦ ସୁରକ୍ଷା ବାହିନୀଙ୍କୁ ସମ୍ମାନିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ନାମରେ ଏକ ପୁରସ୍କାର ଘୋଷଣା କରିଛନ୍ତି। ବିପତି ସମୟରେ ଜନସାଧାରଣଙ୍କ ଜୀବନ ବଂଚାଇବା ଲାଗି ଅଦମ୍ୟ ସାହାସିକତା ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯିବ। ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପୁଲିସ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହଟସ୍ପ୍ରିଙ୍ଗ ଘଟଣାରେ ରକ୍ଷା ପାଇଯାଇଥିବା ୩ ଜଣ ସଦସ୍ୟଙ୍କୁ ସେ ସମ୍ମାନିତ କରିଥିଲେ। ସେ ମଧ୍ୟ ଜାତୀୟ ପୁଲିସ ସ୍ମାରକୀ ସଂଗ୍ରହାଳୟର ଉଦଘାଟନ କରିବା ସହ ପରିଦର୍ଶକ ପୁସ୍ତିକାରେ ସ୍ୱାକ୍ଷର କରିଥିଲେ।

ଏହି ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ ଦେଶ ସେବା ପାଇଁ ଜୀବନ ଉତ୍ସର୍ଗ କରିଥିବା ପୁଲିସମାନଙ୍କର ସାହସ ଏବଂ ତ୍ୟାଗକୁ ସାଲ୍ୟୁଟ କରିଥିଲେ। ଲଦାଖର ହଟ ସ୍ପ୍ରିଙ୍ଗଠାରେ ବୀରତାର ସହ ଲଢ଼େଇ କରିଥିବା ସାହାସୀ ପୁଲିସମାନଙ୍କର ତ୍ୟାଗକୁ ସ୍ମରଣ କରିବା ସହ ସେ ସେମାନଙ୍କର ପରିବାର ଏବଂ ସମ୍ପର୍କୀୟଙ୍କୁ ସମ୍ମାନିତ କରିଥିଲେ।

ଜାତୀୟ ପୁଲିସ ସ୍ମାରକକୁ ଉତ୍ସର୍ଗ କରିବା ଅବସରରେ ଖୁସି ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଏହି ସ୍ମାରକର କେନ୍ଦ୍ରୀୟ ମୂର୍ତିକଳା ପୁଲିସ ବାହିନୀର ସାମର୍ଥ୍ୟ, ସାହସ ଏବଂ ସେବା ମନୋଭାବକୁ ସୂଚାଇଥାଏ। ସେ ପୁନଶ୍ଚ କହିଲେ ଯେ ଜାତୀୟ ପୁଲିସ ସ୍ମାରକର ଉଦ୍ଦେଶ୍ୟ ହେଉଛି ଏହା ନାଗରିକମାନଙ୍କୁ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀର ସାହାସିକତା ସମ୍ବନ୍ଧରେ ଅନୁପ୍ରାଣିତ ତଥା ଶିକ୍ଷିତ କରିବା।

ସେ କହିଲେ ଯେ ସମ୍ପ୍ରତି ଦେଶ ଉପଭୋଗ କରୁଥିବା ଶାନ୍ତି, ସୁରକ୍ଷା ତଥା ସମୃଦ୍ଧି ପୁଲିସ, ଅର୍ଦ୍ଧ ସାମରିକ ବାହିନୀ, ସଂସଦ ସୁରକ୍ଷା ବଳ ତଥା ସଶସ୍ତ୍ର ବାହିନୀଙ୍କ ତ୍ୟାଗ ତଥା ନିୟମିତ ପ୍ରୟାସ ଯୋଗୁ ସମ୍ଭବ ହୋଇପାରିଛି। ପ୍ରଧାନମନ୍ତ୍ରୀ ମଧ୍ୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ଯୋଗଦାନ ଓ ତ୍ୟାଗ ସମ୍ବନ୍ଧରେ ସ୍ମରଣ କରିଥିଲେ।

ଜାତୀୟ ପୁଲିସ ସ୍ମାରକ ସମ୍ବନ୍ଧରେ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଏହି ସ୍ମାରକକୁ ଏନଡିଏ ସରକାର ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ଏହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇଛି। ସେ କହିଲେ ଯେ ଯେଉଁ ବ୍ୟକ୍ତିମାନେ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ସେମାନଙ୍କୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରିବା ନେଇ ସରକାରଙ୍କ ଅନ୍ତର୍ଦୃଷ୍ଟିକୁ ଏହି ସ୍ମାରକ ସୂଚାଇଥାଏ। ପ୍ରାଦ୍ୟୋଗିକୀର ଭୂମିକାକୁ ଗୁରୁତ୍ୱାରୋପ କରି ପୁଲିସମାନେ ସେମାନଙ୍କ ଦୈନନ୍ଦିନ କର୍ତବ୍ୟ ନିର୍ବାହ କରିବାରେ ପ୍ରାଦ୍ୟୋଗିକୀ ଏବଂ ନବାଚାର ଗ୍ରହଣ କରିବା ପାଇଁ ପ୍ରଧାନମନ୍ତ୍ରୀ ପୁଲିସ ବାହିନୀକୁ ଅନୁପ୍ରେରିତ କରିଥିଲେ। ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ପୁଲିସ ବାହିନୀ ଯୋଜନା (ଏମପିଏଫ)ର ଆଧୁନିକୀକରଣ ସମ୍ବନ୍ଧରେ ପ୍ରକାଶ କରିଥିଲେ, ଯାହାକି ବୈଷୟିକ ଜ୍ଞାନକୌଶଳ, ଅତ୍ୟାଧୁନିକ ଯୋଗାଯୋଗ ପ୍ରକ୍ରିୟା ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ମାଧ୍ୟମରେ ପୁଲିସ ବାହିନୀର ଆଧୁନିକୀକରଣ କରୁଛି। ପ୍ରଧାନମନ୍ତ୍ରୀ କହିଲେ ଯେ ପୁଲିସ ଓ ସମାଜ ମଧ୍ୟରେ ସମ୍ବନ୍ଧକୁ ସୁଦୃଢ଼ କରିବା ପାଇଁ **(ପୃଷ୍ଠା-୭)**

ହୁଣ୍ଡିର ଆୟ (୭.୧୦.୧୮)
୩,୧୨,୧୮୦

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick